# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ
## (ଶିଶୁ ସୁରକ୍ଷା ୟୁନିଟ)

ପତ୍ର ସଂଖ୍ୟା: 888 / ତାରିଖ: 19.05.2020 //

ପ୍ରେରକ:

ଶ୍ରୀ ବଳବନ୍ତ ସିଂ (ଭା.ପ୍ର.ସେ)
ଜିଲ୍ଲାପାଳ, ପୁରୀ

ପ୍ରାପ୍ତେଷୁ:

ସମସ୍ତ ଅଧକ୍ଷ/ସଚିବ, ମନ୍ଦିର ଓ ମଠ
ପୁରୀ

ବିଷୟ: ବାଲ୍ୟ ବିବାହ ରୋକିବା ନିମନ୍ତେ ସହଯୋଗ ସମ୍ବନ୍ଧେ ।

ମହାଶୟ/ମହାଶୟା,

ଆପଣମାନେ ସମସ୍ତେ ଜାଣନ୍ତି ଦେଶର ବିକାଶରେ ଶିଶୁମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମାତ୍ର ଅନେକ ସମୟରେ ଶିଶୁଟିଏ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ତାର ଅଧିକାର ହରାଉଛି । ସେଥିମଧ୍ୟରୁ ବାଲ୍ୟ ବିବାହ ଅନ୍ୟତମ । ବର୍ତ୍ତମାନ ସମୟରେ ଆମ ଜିଲ୍ଲାରେ ବାଲ୍ୟ ବିବାହ ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଦେଉଛି, ଯାହାର ପ୍ରଭାବ ମୁଖ୍ୟତଃ ଭାବରେ ବାଳିକାମାନଙ୍କ ଉପରେ ପଡୁଛି । ଅପ୍ରାପ୍ତ ବୟସରେ ବିବାହ ଦ୍ୱାରା ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ବଢ଼ିବ ସହିତ ତାର ଶିକ୍ଷା ଅଧିକାରରୁ ମଧ ବଞ୍ଚିତ ହେଉଛି । ଅନେକ ସମୟରେ ବାଲ୍ୟ ବିବାହ ମନ୍ଦିର ଓ ମଠରେ ଅନୁଷ୍ଠିତ ହେବାର ଦେଖାଯାଇଛି । ଏହାକୁ ରୋକିବା ପାଇଁ ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬ ମଧ ପ୍ରଣୟନ କରାଯାଇଛି, ଯେଉଁଥିରେ ୧୮ ବର୍ଷ ତଳକୁ ଝିଅ ଓ ୨୧ ବର୍ଷ ତଳକୁ ପୁଅ ମାନଙ୍କ ପାଇଁ ବିବାହ ନିଷେଧ କରାଯାଇଛି । ଏହାସହିତ ବାଲ୍ୟ ବିବାହକୁ ପ୍ରରୋଚନା, ସମ୍ପାଦନା, ପରିଚାଳନା ବା ଚୁକ୍ତି ରେ ସହାୟକ ହେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ୨ବର୍ଷ ଜେଲ ଦଣ୍ଡ ସହିତ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି ।

ତେଣୁ ଆପଣମାନଙ୍କୁ ଅନୁରୋଧ ବିକାଶର ସ୍ରୋତରେ ନିଜକୁ ସାମିଲ କରାଇ ବାଲ୍ୟ ବିବାହ ନକରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ସହିତ ନିଜ ଦାୟିତ୍ୱରେ ଥିବା ସମସ୍ତ ମନ୍ଦିର ଓ ମଠରେ ବାଲ୍ୟବିବାହ ନକରିବା ପାଇଁ ପଦକ୍ଷେପ ନେବେ । ଯଦି କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥିବାର ସୂଚନା ପାଇଥାନ୍ତି ତାହେଲେ ନିକଟସ୍ଥ ଥାନା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ଶାଖା,ପୁରୀ, ଶିଶୁ ମଙ୍ଗଳ ସମିତି, **Childline-1098**(ନିଶୁଳ୍କ) କିମ୍ବା ନିକଟସ୍ଥ ସରପଞ୍ଚଙ୍କୁ ଜଣାନ୍ତୁ ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା 882 / ତାରିଖ 19.05.2020 //

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ପତ୍ରର ଏକ ନକଲ ସମସ୍ତ ଅଧକ୍ଷ/ସଚିବ, ମନ୍ଦିର ଓ ମଠ, ପୁରୀଙ୍କୁ ପ୍ରଦାନ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୪୪୩ / ତାରିଖ ୧୨.୦୫.୨୦୨୦ //

ଏହାର ଏକକିତା ନକଲ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ପତ୍ରର ଏକ ନକଲ ସମସ୍ତ ସରପଞ୍ଚ ଙ୍କୁ ପ୍ରଦାନ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୪୪୫ / ତାରିଖ ୧୨.୦୫.୨୦୨୦ //

ଏହାର ଏକକିତା ନକଲ ଅଧକ୍ଷ, ଶିଶୁ ମଙ୍ଗଳ ସମିତି, ପୁରୀଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରଦାନ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୪୪୬ / ତାରିଖ ୧୨.୦୫.୨୦୨୦ //

ଏହାର ଏକକିତା ନକଲ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ମାନଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରଦାନ କରାଗଲା ।

ଜିଲ୍ଲାପାଳ, ପୁରୀ